## ବିଶ୍ରାମାଗାରରୁ ମୃତଦେହ ଜବତ

ଆସିକା: ଆସିକା ଏନ୍‌ଏସିର ଡାକ୍ତରଖାନା ସଂଲଗ୍ନ ରଷିକୂଲ୍ୟା ପୋଲ ନିକଟରେ ଥିବା ଯାତ୍ରୀ ବିଶ୍ରାମଗାରରୁ ସୋମବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ ନୟାଗଡ ଜିଲା ନୂଆଗାଁ ଥାନା ସୋରଡ ଗ୍ରାମର ସୁବଳ ଡାକୁଆ (୩୮)। ସୁବଳ ଗତ ୫ ଦିନ ହେଲା ଶଶୁର ଘର ବ୍ରହ୍ମପୁର ହରିଡ଼ାଖଣ୍ଡିକୁ ଯାଉଛି ବୋଲି କହି ଘରୁ ଆସିଥିବା ତାଙ୍କ ଭାଇ ମାଧବ ପୋଲିସରେ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ନଂ. ୧୬/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତେବେ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହୋଇଛି ତାହା ସ୍ପଷ୍ଟ ହୋଇନଥିଲା ବେଳେ ବ୍ୟବଚ୍ଛେଦ ପରେ ଘଟଣା ଜଣାପଡିବ ବୋଲି ପୋଲିସ କହିଛି।

**ସଂକ୍ଷେପରେ**

## ଶିକ୍ଷକଙ୍କ ନାଁରେ ସ୍ତ୍ରୀ ହତ୍ୟା ଅଭିଯୋଗ

ଫୁଲବାଣୀ ଅଫିସ,୬।୯: ଦିକନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ଝିରିପାଣି ପଞ୍ଚାୟତ ଦଳିତ ସାହିରେ ଜଣେ ଶିକ୍ଷକ ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଥିବା ନେଇ ବେଲଘର ଥାନାରେ ଅଭିଯୋଗ ହୋଇଛି। ମୃତ ମହିଳା ହେଲେ ଲଙ୍କାଗଡର ସ୍ୱୟଂପ୍ରଭା ନାୟକ। ତାଙ୍କ ସ୍ୱାମୀ ତଥା ଅଭିଯୁକ୍ତ ଶିକ୍ଷକ ଫେରାର୍ ହୋଇଯାଇଛନ୍ତି। ଝିରିପାଣି ଗାଁର ଦେଶୁଘାଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମ୍ପୃକ୍ତ ଶିକ୍ଷକ ଓ ସ୍ୱୟଂପ୍ରଭାଙ୍କ ମଧରେ ପ୍ରେମ ସମ୍ପର୍କ ରହିଥିଲା। ସ୍ୱୟଂପ୍ରଭା ଜିଦ୍ ଧରିବାରୁ ଗତ ୩ ମାସ ତଳେ ଶିକ୍ଷକ ତାଙ୍କୁ ଘରକୁ ଆଣି ବିବାହ କରିଥିଲେ। ହେଲେ ଉଭୟଙ୍କ ମଧରେ କିଛି ଦିନ ହେବ ତିକ୍ତତା ଲାଗି ରହିଥିଲା। ସ୍ୱୟଂପ୍ରଭାଙ୍କ ଦେହ ଖରାପ ଅଛି ବୋଲି ରବିବାର ରାତିରେ ବାପଘର ଲୋକଙ୍କୁ ଖବର ଦିଆଯାଇଥିଲା। ବାପଘର ଲୋକେ ପହଞ୍ଚି ଖଟ ଉପରେ ସ୍ୱୟଂପ୍ରଭାଙ୍କ ମୃତଦେହ ପଡିଥିବା ଦେଖିଥିଲେ। ସେଠାରେ ସ୍ୱାମୀ କିମ୍ବା ତାଙ୍କ ପରିବାରର କେହି ଲୋକ ନ ଥିଲେ। ଏ ନେଇ ସ୍ୱୟଂପ୍ରଭାଙ୍କ ଭାଇ ବେଲଘର ଥାନାରେ ଏତଲା ଦେଇଛନ୍ତି।

## ରନ୍ଧାମଦ ଜବତ, ୯ ଗିରଫ

ପାରଳାଖେମୁଣ୍ଡି,୬।୯(ଡି.ଏନ୍.ଏ.): ବ୍ରହ୍ମପୁର ଅବକାରୀ ଗୋଇନ୍ଦା ସଂସ୍ଥା, ଗଜପତି ଜିଲା ଅବକାରୀ ବିଭାଗର ମିଳିତ ଚଢାଉ କରାଯାଇ ରବିବାର ବିପୁଳ ପରିମାଣର ଦେଶୀରନ୍ଧା ମଦ ଜବତ କରାଯାଇଛି। ଏହି ଘଟଣାରେ ୭ଜଣ ମହିଳାଙ୍କ ସମେତ ୯ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପାରଳାଖେମୁଣ୍ଡି ସହରର ପି.ବାଲାଜି, ପି.ଜଗଦୀଶ୍ୱର, କେ.ବୁଟୁ, ପି. ଜନ୍ତାମ୍ମା, ଜି.ଜ୍ୟୋତିଆମ୍ମା, ପି. ସରସାଆମ୍ମା, ପି. ଅଲିରାମୁଲୁଆମ୍ମା, ଡି.ଜ୍ୟୋତି, ଏମ୍. ସରୋଜିନି। ଜଣେ ଅଭିଯୁକ୍ତ ଫେରାର୍ ଥିବା ଜଣାପଡ଼ିଛି। ପାରଳାଖେମୁଣ୍ଡି ସହର ସମେତ ଗୁମ୍ମା ବ୍ଲକର ନେରେଡିଗୁଡ଼ା ଆଦି ଗ୍ରାମରୁ ୭ହଜାର କେଜି ଗୁଡ ଓ ମହୁଲ ମିଶ୍ରିତ ପୋଚ ସମେତ ୬୬୬ଲିଟର ବେଆଇନ ଭାବେ ପ୍ରସ୍ତୁତ ମହୁଲି ମଦ ଜବତ କରାଯାଇଛି। ଚଢାଉରେ ବ୍ରହ୍ମପୁର ଅବକାରୀ ଗୋଇନ୍ଦା ସଂସ୍ଥାର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ କେ.ସେଠୀ, ଇନ୍ସପେକ୍ଟର ହୃଦୟା ଚନ୍ଦ୍ର ସାମନ୍ତ ପ୍ରମୁଖଙ୍କ ସମେତ ଗଜପତି ଜିଲା ଅବକାରୀ ବିଭାଗର ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତଥିଲେ।

## ନୂଆଗଡ଼ ବ୍ଲକରେ ଅଣ୍ଟା ଭିଡୁଛି କଂଗ୍ରେସ

ନୂଆଗଡ଼,୬।୯: ମୋହନା ବିଧାୟକ ଦାଶରଥି ଗମାଙ୍ଗଙ୍କ ସମେତ କଂଗ୍ରେସ କୃଷି ସେଲ୍ ରାଜ୍ୟ ଅଧକ୍ଷ ରଶ୍ମି ରଞ୍ଜନ ପଟ୍ଟନାୟକ, କଂଗ୍ରେସ ଜିଲା ସମ୍ପାଦକ ପୁରୁଷୋତ୍ତମ ପାଣିଗ୍ରାହୀ, କଂଗ୍ରେସ ବ୍ଲକ ସଭାପତି ଯାକୁବ ରାଇକା, ବ୍ଲକ ଉପାଧକ୍ଷା ଗୁତୁବାଇ ମଣ୍ଡଳଙ୍କ ମିଳିତ ଆନୁକୂଲ୍ୟରେ ରବିବାର ନୂଆଗଡ଼ ବ୍ଲକର ପ୍ରାୟ ବହୁ ପଞ୍ଚାୟତ ପରିଦର୍ଶନ କରିଥିଲେ। ଆଗକୁ ଥିବା ତ୍ରି-ସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଏବଂ ଦଳକୁ ସୁଦୃଢ କରିବା ନିମନ୍ତେ କଂଗ୍ରେସ ଦଳ ପଞ୍ଚାୟତ ସ୍ତରରେ ଅଣ୍ଟା ଭିଡୁଛି। ରାଜ୍ୟରେ ହେଉ କିମ୍ବା କେନ୍ଦ୍ରରେ କଂଗ୍ରେସର ସ୍ଥିତି ଠିକ୍ ନ ଥିବା ବେଳେ ମନୋବଳକୁ ଦୃଢ କରି ପଞ୍ଚାୟତସ୍ତରରେ ବାଜିମାତ କରିବାର ଆଶା ରଖିଛି। ପଞ୍ଚାୟତ ନିର୍ବାଚନରେ ଭାଜପା ଏବଂ ବିଜେଡି ଯେମିତି ନ ଆସେ ତାହାକୁ ନେଇ ବିଧାୟକ ଏବଂ ରଶ୍ମିରଞ୍ଜନ ପଟ୍ଟନାୟକ କର୍ମୀମାନଙ୍କୁ ବୁଝାଇଥିଲେ।

## କଟକଣାରେ ପାଳନ ହେବ ଦୁର୍ଗାପୂଜା

ଜି.ଉଦୟଗିରି,୬।୯(ଡି.ଏନ.ଏ.): କରୋନା ଦୁଇବର୍ଷ ହେଲା ପାର୍ବଣ ଫିକା କରୁଥିବା ବେଳେ ଚଳିତ ବର୍ଷ ମଧ ଫିକା ପଡିବ ପାର୍ବଣ ଋତୁ। ଉତ୍ସାହ ଉଦ୍ଦୀପନା ନ ଥିଲେ ମଧ ଆରମ୍ଭ ହୋଇଛି ପ୍ରସ୍ତୁତି। ରବିବାର ବ୍ୟବସାୟୀ ସଂଘ ପକ୍ଷରୁ ଏକ ସାଧାରଣ ବୈଠକ ଆୟୋଜିତ ହୋଇଥିଲା। ଚଳିତବର୍ଷ କରୋନା କଟକଣା ମଧରେ କେବଳ ରୀତିନୀତି ସମ୍ପନ୍ନ କରିବାକୁ ନିଷ୍ପତ୍ତି ନେଇଛି ବ୍ୟବସାୟୀ ସଂଘ। ସଂଘ ସଭାପତି ମନୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଦୁର୍ଗାପୂଜା ପାଇଁ ପରିଚାଳନା କମିଟି ଦାୟିତ୍ୱ ନେଇଛନ୍ତି। ସଭାପତି ଭାବେ କାଳୁ ଚରଣ ପଣ୍ଡା, ସମ୍ପାଦକ ଅରୁଣ କୁମାର ଷଡଙ୍ଗୀ, କୋଷାଧକ୍ଷ ଭାବେ ସଞ୍ଜୀବ କୁମାର ସୁବୁଦ୍ଧି ପ୍ରମୁଖ ଦାୟିତ୍ୱ ନେଇଛନ୍ତି।

# ପାସ୍ ଛାତ୍ରୀଛାତ୍ର ହେଲେ ଫେଲ୍

ଖଲ୍ଲିକୋଟ,୬।୯(ଡି.ଏନ.ଏ.)

**ରାମଚନ୍ଦ୍ର ମର୍ଦ୍ଦରାଜ କଲେଜରେ ଧାରଣା**


କଲେଜ ସମ୍ମୁଖରେ ଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଯୁକ୍ତ ୨ ପାସ୍ କରିଥିବା ଛାତ୍ରୀଛାତ୍ର ଫେଲ୍ ହେବା ପ୍ରତିବାଦରେ ସୋମବାର ଖଲ୍ଲିକୋଟ ଆର୍‌ସିଏମ୍ କଲେଜରେ ଧାରଣା ଦେଇଥିଲେ। ଏ ସମ୍ପର୍କରେ ସେମାନେ ଅଧକ୍ଷଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। କରୋନା ଯୋଗୁ ଚଳିତବର୍ଷ ଯୁକ୍ତ ୨ ପରୀକ୍ଷା କରା ନ ଯାଇ ବିକଳ୍ପ ମୂଲ୍ୟାୟନ କରାଯାଇଥିଲା। ଫଳରେ ରାଜ୍ୟରେ ରେଗୁଲାର ଓ ଏକ୍ସ ରେଗୁଲାରର ସଂଖ୍ୟାଧିକ ଛାତ୍ରୀଛାତ୍ର ପାସ୍ କଲେ। ଖଲ୍ଲିକୋଟ ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳରେ ମଧ ସଂଖ୍ୟାଧିକ ରେଗୁଲାର,ଏକ୍ସ-ରେଗୁଲାର ଛାତ୍ରୀଛାତ୍ର ପାସ୍ କରିଥିଲେ। ସେମାନେ ଯୁକ୍ତ ୩ ପାଇଁ ଅନଲାଇନ ଆବେଦନ କଲେ। କିନ୍ତୁ ପରବର୍ତ୍ତୀ ସମୟରେ ଜଣାପଡିଲା ପାସ୍ ହୋଇଥିବା ଏକ୍ସ ରେଗୁଲାରର ଏକାଧିକ ଛାତ୍ରୀଛାତ୍ର ଫେଲ୍ ହୋଇଛନ୍ତି। ଏହାକୁ ବିରୋଧ କରି ସୋମବାର କଲେଜ ଆଗରେ ଛାତ୍ରୀଛାତ୍ରମାନେ ନାରାବାଜି କରିବା ସହ ଧାରଣାରେ ବସିଥିଲେ। ଆଗାମୀ ଦିନରେ ଛାତ୍ରୀଛାତ୍ରଙ୍କ ମାର୍କ ଦିଆ ନ ଗଲେ ଆନ୍ଦୋଳନ କରାଯିବା ସହ କଲେଜ ଆଗରେ ଆତ୍ମାହୁତି ଦେବେ ବୋଲି କହିଛନ୍ତି। ଛାତ୍ର ସିଦ୍ଧାନ୍ତ ମହାରଣା, ପ୍ରମୋଦ କୁମାର ଶବର, ଅଙ୍କିତ କୁମାର ପଣ୍ଡିତ, କାହ୍ନୁ ଚରଣ ସାହୁ, ସୌମ୍ୟ ରଞ୍ଜନ ଜାନୀ ପ୍ରମୁଖ ଏ ନେଇ ଅଧକ୍ଷଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ତେବେ କଲେଜ କର୍ତ୍ତୃପକ୍ଷ ଆମର କିଛି ଭୁଲ ନଥିବା କହିବା ସହ ଉଚ୍ଚ ଶିକ୍ଷା ବିଭାଗକୁ ଏ ସମ୍ପର୍କରେ ଜଣାଇଛନ୍ତି ବୋଲି ଅଧକ୍ଷ ଶ୍ୟାମସୁନ୍ଦର ପାଢୀ କହିଛନ୍ତି।

## ବିଦ୍ୟୁତ୍ ସଂସ୍ପର୍ଶରେ ନାବାଳକ ଶ୍ରମିକ ମୃତ

ଗୋପାଳପୁର,୬।୯(ଡି.ଏନ.ଏ.)

**ଶ୍ମଶାନରୁ ମୃତଦେହ ଜବତ କଲା ପୋଲିସ**

ଗୋଳନ୍ଥରା ଥାନା ମାଝୀ ଗାଁ ନିକଟସ୍ଥ ଏକ ଇଟା ଭାଟିରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ନାବାଳକ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାକୁ ଚପାଇବାକୁ ଉଦ୍ୟମ ଚାଲିଥିବା ବେଳେ ପୋଲିସ ପଣ୍ଡ କରିଛି। ଏହି ଥାନା ଶାସନପଦର ଗ୍ରାମର ନାବାଳକ ଜଣକ ମାଝୀଗାଁ ନିକଟସ୍ଥ ଇଟାଭାଟିରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ସୋମବାର ସକାଳ ସେ ଭାଟିରେ କାମ କରିବା ସମୟରେ ଅସାବଧାନତା କାରଣୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯାଇ ତାଙ୍କର ମୃତ୍ୟୁ ଘଟିଥିଲା। ଭାଟି ମାଲିକ ଉକ୍ତ ଘଟଣାକୁ ରଫାଦଫା କରି ମୃତକଙ୍କ ପରିବାରକୁ ଦେଢ଼ ଲକ୍ଷ ଟଙ୍କା ଅନୁକମ୍ପା ଦେବାକୁ କହିଥିଲେ। ସମ୍ପର୍କୀୟମାନେ ଗାଁ ମଶାଣୀରେ ମୃତଦେହ ପୋଡ଼ିବାକୁ ଉଦ୍ୟମ କରୁଥିବା ବେଳେ ଗୋଳନ୍ଥରା ପୋଲିସ ପହଞ୍ଚି ଜବତ କରିଥିଲା। ବ୍ୟବଚ୍ଛେଦ ପାଇଁ ମୃତଦେହ ବ୍ରହ୍ମପୁର ବଡ଼ମେଡ଼ିକାଲକୁ ପଠାଯାଇଛି। ଏ ନେଇ ନଂ. ୨୮/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ପାର୍ବଣ ପାଇଁ ମୂର୍ତ୍ତି ନିର୍ମାଣରେ ନିମଗ୍ନ କାରିଗର

ବୁଗୁଡ଼ା,୬।୯(ଡି.ଏନ.ଏ.)


ମୂର୍ତ୍ତି ନିର୍ମାଣ ଚାଲିଛି।

ପାର୍ବଣର ଋତୁ ପାଖେଇ ଆସିଲାଣି। କୋଭିଡ୍ କଟକଣା ନିୟମରେ ପାଳିତ ହେବ ବିଭିନ୍ନ ପୂଜା ପାର୍ବଣ। ସେଥିପାଇଁ ବୁଗୁଡ଼ା ଅଞ୍ଚଳର କାରିଗରମାନେ ମୂର୍ତ୍ତି ଗଢାରେ ମାତି ଗଲେଣି। ଆଉ କିଛିଦିନର ବ୍ୟବଧାନ ପରେ ଗଣେଶ ପୂଜା ଓ ବିଶ୍ୱକର୍ମା ପୂଜା ପଡୁଥିବାରୁ କାରିଗରମାନେ ମୂର୍ତ୍ତିରେ ନଡା ବିଡାଠାରୁ ଆରମ୍ଭ କରି ମାଟି ପ୍ରଲେପ କାର୍ଯ୍ୟ ଜୋରସୋରରେ ଜାରି ରଖିଛନ୍ତି। ମୂର୍ତ୍ତି ନିର୍ମାଣରେ ପରିଶ୍ରମ ତୁଳନାରେ ଲାଭ ମିଳୁ ନ ଥିଲେ ମଧ କାରିଗରମାନେ ଦେଖାଇ ଚାଲିଛନ୍ତି ନିଜ ହାତର ଯାଦୁକରି। ବୁଗୁଡା ଅଞ୍ଚଳର ଅଭିଜ୍ଞ ମୂର୍ତ୍ତି କାରିଗର ଗୋବିନ୍ଦ ବେହେରା, ରବୀନ୍ଦ୍ର ବେହେରା, କୈଳାସ ବେହେରା, ଝୁନା ବେହେରା, ସୋନୁ ବେହେରା, ବିଶ୍ୱନାଥ ବେହେରା, ପ୍ରମୋଦ ବେହେରା, ଟୁଟୁ ବେହେରା, ଝୁନୁଲତା ବେହେରା ପ୍ରମୁଖ ନିଜର ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ସ୍ଥାନୀୟ ଅଞ୍ଚଳରେ ସେମାନଙ୍କ ହାତଗଢା ମୂର୍ତ୍ତିର ବେଶ୍ ଚାହିଦା ରହିଛି। ବୁଗୁଡାର କୁମ୍ଭାରସାହିରେ ଗଢା ଯାଉଥିବା ମୂର୍ତ୍ତି ବିଭିନ୍ନ ଅଞ୍ଚଳକୁ ପଠାଯାଇଥାଏ। ତେବେ ଗତ କିଛିବର୍ଷ ହେଲା ଚିକିଟା ମାଟିର ଅଭାବ ମୂର୍ତ୍ତି ଗଢାରେ ଏକ ବଡ ସମସ୍ୟା ଭାବେ ମୁଣ୍ଡ ଟେକିଛି। ଚିକିଟା ମାଟିକୁ ଚିକ୍କଣ କରିବା ପାଇଁ କୌଣସି ମିଶ୍ରଣ ଯନ୍ତ୍ର ବାହାରି ନାହିଁ। ଯନ୍ତ୍ର ବାହାରି ଥିଲେ ଅଳ୍ପ ସମୟରେ ଅଧିକ ମୂର୍ତ୍ତି ଗଢାଯାଇ ପାରିବ ବୋଲି କାରିଗର ଗୋଷ୍ଠୀ ପ୍ରକାଶ କରିଛନ୍ତି।

## ଶାଗୁଆନ କାଠ ଜବତ, ୨ ଅଭିଯୁକ୍ତ ଫେରାର

ପାରଳାଖେମୁଣ୍ଡି, ୬।୯(ଡି.ଏନ୍.ଏ.)

ମୋହନା ବନ ବିଭାଗ ପକ୍ଷରୁ ଚଢାଉ କରାଯାଇ ୧୯.୬୭ ସିଫ୍ଟର ୧୧ ଶାଗୁଆନ କାଠ ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନେ ଫେରାର୍ ହୋଇଯାଇଥିବା ବେଳେ ସେମାନଙ୍କ ବାଇକ୍ ଜବତ ହୋଇଛି। ମୋହନା ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ସମୟରେ ମୋହନା ଥାନା କିରାମ୍ବ ଗ୍ରାମ ନିକଟରେ ୨ ବାଇକରେ ଶାଗୁଆନ କାଠ ଗଣ୍ଡିକୁ ଗଞ୍ଜାମ ଜିଲାକୁ ଚାଲାଣ ହେଉଥିଲା। ବନକର୍ମଚାରୀଙ୍କୁ ଦେଖି ଉଭୟ ବାଇକ ଆରୋହୀ କାଠ ଛାଡି ପଳାଇଥିଲେ। ଏ ନେଇ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି।

## ଚୋରି ସାମଗ୍ରୀ ଫେରାଇଲା ପୋଲିସ

ସୋରଡା,୬।୯(ଡି.ଏନ୍.ଏ.)

ବଡ଼ଗଡ଼ ଥାନା ପୋଲିସ ଚୋରି ହୋଇଯାଇଥିବା ଗୋଟିଏ ବୋଲେରୋ, ଗୋଟିଏ ମୋବାଇଲ, ନଗଦ ୪୦୦୦ ଟଙ୍କା ଜବତ କରି ସୋମବାର ଅଭିଯୋଗକାରୀଙ୍କୁ ଫେରାଇଛି । ଗତ ୧୩ରେ ଦାରିଙ୍ଗବାଡି ଥାନା ଅଞ୍ଚଳର ସୁଶାନ୍ତ ମନ୍ତ୍ରୀ ବୋଲେରୋ ଯୋଗେ ବଡଗଡ ଅଭିମୁଖେ ଯାଉଥିବା ବେଳେ ଅପରାହ୍ନରେ ଖଜୁରିଡିହ ଛକରେ ୪ ଜଣ ଯୁବକ ବନ୍ଧୁକ ଦେଖାଇ ତାଙ୍କଠାରୁ ଗାଡ଼ି ସହ ଟଙ୍କା, ମୋବାଇଲ୍ ଲୁଟି ନେଇଥିଲେ। ସୁଶାନ୍ତଙ୍କ ଏତଲା କ୍ରମେ ବଡଗଡ ପୋଲିସ ନଂ.୯୨/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ବୋଲେରୋକୁ ପାଟପୁର ଜଙ୍ଗଲରୁ ଜବତ କରାଯାଇଥିବା ବେଳେ ଏହି ମାମଲାରେ ଶରଧାପୁରର ଜିତେନ୍ଦ୍ର ପ୍ରଧାନ, ବିନୋଦ ଗଉଡ, ବୁଲୁ ବେହେର, ବାରିଗୁଡାର ପବିତ୍ର ମଲିକଙ୍କୁ ରିମାଣ୍ଡରେ ଆଣିବାକୁ ଆବେଦନ କରାଯାଇଥିବା ଥାନାଧିକାରୀ ସୂରଜ ଝଙ୍କାର କହିଛନ୍ତି। ଅଭିଯୁକ୍ତମାନେ ପୂର୍ବରୁ ଅନ୍ୟ ମାମଲାରେ ଗିରଫ ହୋଇଛନ୍ତି।

## ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ

**ପ୍ରାକ୍ତନ ତହସିଲଦାରଙ୍କୁ ଗାଳିଗୁଲଜ**

ଛତ୍ରପୁର,୬।୯(ଡି.ଏନ୍.ଏ.)

ଛତ୍ରପୁର ଅତିରିକ୍ତ ଜିଲା ଦୌରାଜଜ ସୋମବାର ଏକ ଆଟ୍ରୋସିଟି ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ରାଜାରଞ୍ଜନ ପାଢୀ ଅଭିଯୁକ୍ତ ସଞ୍ଜୀବ କୁମାର ଜେନାଙ୍କୁ ୩ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୫ ହଜାର ଜରିମାନା ଦେବାକୁ କହିଛନ୍ତି । ଜରିମାନା ଅନାଦାୟେ ଅଧିକ ୩ ମାସ ଜେଲ ଦଣ୍ଡ ଏବଂ ୨୯୪ ଦଫାରେ ଅତିରିକ୍ତ ୨ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରାଯାଇଛି। ଏହି ମାମଲାର ଅନ୍ୟ ଅଭିଯୁକ୍ତ କିଶୋର ଚନ୍ଦ୍ର ପାତ୍ରଙ୍କୁ ବିଚାରପତି ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସରକାରଙ୍କ ପକ୍ଷରୁ ଓକିଲ ଉମିନାଥ ସାହୁ ମକଦ୍ଦମା ପରିଚାଳନା କରିଥିଲେ । ୨୦୧୩ ଅକ୍ଟୋବର ୨୪ ତାରିଖରେ ପୁରୁଷୋତ୍ତମପୁର ପ୍ରାକ୍ତନ ତହସିଲଦାର ବସନ୍ତ କୁମାର ସେଠୀଙ୍କୁ ଫାଇଲିନ ସହାୟତାକୁ ନେଇ ବଡଖରିଡା ଗ୍ରାମର ସଞ୍ଜୀବ ଓ କିଶୋରଙ୍କ ନେତୃତ୍ୱରେ ପ୍ରାୟ ୩୦ ଜଣ ଜାତିଗତ ନେଇ ଗାଳିଗୁଲଜ କରିଥିଲେ। ଏଥିସହ ସେହି ପଞ୍ଚାୟତର ରାଜସ୍ୱ ନିରୀକ୍ଷକଙ୍କୁ ଅଟକ ରଖିଥିଲେ। ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ପରେ ପ୍ରାକ୍ତନ ତହସିଲଦାର ଏ ନେଇ ପୁରୁଷୋତ୍ତମପୁର ଥାନାରେ ଅଭିଯୋଗ କରିଥିଲେ ।

## ୪.୧୪ କୁଇଣ୍ଟାଲ ଗଞ୍ଜେଇ ଜବତ, ୫ ଗିରଫ


ତେଲିମୁଣ୍ଡା ଛକ ନିକଟରୁ ଜବତ ହୋଇଥିବା ଗଞ୍ଜେଇ ଓ ଗିରଫ ୩ ଯୁବକ।

ଫୁଲବାଣୀ ଅଫିସ/କ. ନୂଆଗାଁ (ଡି.ଏନ୍.ଏ.)୬।୯

ଫିରିଙ୍ଗିଆ, ଗୋଛାପଡା ଓ କ. ନୂଆଗାଁ ଥାନା ପୋଲିସ ପକ୍ଷରୁ ପୃଥକ ଭାବେ ମୋଟ ୪ କୁଇଣ୍ଟାଲ ୧୪ କେଜି ଗଞ୍ଜେଇ ଜବତ କରାଯାଇଛି । ଏହି ଘଟଣାରେ ୫ ଜଣ ଗିରଫ ହୋଇଛନ୍ତି । ଫିରିଙ୍ଗିଆ ପୋଲିସ ବନ୍ଧଗଡ ପଞ୍ଚାୟତ ତେଲିମୁଣ୍ଡା ଛକ ନିକଟରେ ଏକ କାରକୁ ଯାଞ୍ଚ କରିବାରୁ ୫୦ କେଜି ଗଞ୍ଜେଇ ମିଳିଥିଲା। ସେଠାରୁ ୩ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କାର ଚାଳକ କଟକ ଜିଲା ବଡମ୍ବା ଥାନା ଅଞ୍ଚଳର ଜଗମୋହନ ତରାସିଆ, ଫିରିଙ୍ଗିଆ ବ୍ଲକ କାର୍ସିନିପଦର ପଞ୍ଚାୟତ ମାଖିପଡା ଗାଁର ନିଶ୍ଚଳାନନ୍ଦ ପାତ୍ର ଓ ଉତ୍ତମ ପାତ୍ର। ଏ ନେଇ ନଂ.୧୦୮/୨୧ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ପି.ଶ୍ୟାମସୁନ୍ଦର ରାଓ କହିଛନ୍ତି। ସେହିପରି ଗୋଚ୍ଛାପଡା ଥାନା ପୋଲିସ ତଳ ଶ୍ରୀଗୁଣି ଗ୍ରାମ ରାସ୍ତାରେ ଚଢ଼ାଉ କରି ବସ୍ତାରେ ବୋଝେଇ ହୋଇ ଚାଲାଣ ପାଇଁ ଥିବା ୩ କୁଇଣ୍ଟାଲ ୨୯ କେଜି ଗଞ୍ଜେଇ ଜବତ କରିଥିଲା। ଏହି ଘଟଣାରେ ପାଟୁ କହଁରଙ୍କୁ ଗିରଫ କରାଯାଇଛି । ନଂ.୭୪/୨୧ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ରଞ୍ଜିତ କୁମାର ମୁନୀ କହିଛନ୍ତି। ସେହିପରି କ.ନୂଆଗାଁ ଥାନା ପୋଲିସ କୁଡୁପାକିଆ ଗ୍ରାମ ଛକ ନିକଟରେ ୩୫ କିଲୋ ୩୫୦ ଗ୍ରାମ ଗଞ୍ଜେଇ ଧରି ବିକ୍ରି କରିବା ପାଇଁ ବେପାରୀଙ୍କୁ ଅପେକ୍ଷା କରିଥିବା କୁଡୁପାକିଆ ଗ୍ରାମର ଖଗେଶ୍ୱର ପ୍ରଧାନଙ୍କୁ ଗିରଫ କରିଛି। ନଂ. ୫୮/୨୧ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ଶ୍ରୀନିବାସ ସାମଲ କହିଛନ୍ତି।

## ଘୁମୁସର ଜିଲା ଦାବି କଲା ବରିଷ୍ଠ ନାଗରିକ ମଞ୍ଚ

ଭଞ୍ଜନଗର,୬।୯(ଡି.ଏନ୍.ଏ.)

**ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ପଠାଯିବ ୧୦ ହଜାର ପୋଷ୍ଟକାର୍ଡ**


ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

ଘୁମୁସର ଜିଲା ଘୋଷଣା କରିବା ପାଇଁ ଅଞ୍ଚଳବାସୀ ଦୀର୍ଘଦିନ ହେଲା ଦାବି କରି ଆସୁଛନ୍ତି। ମାତ୍ର ରାଜ୍ୟ ସରକାର ଦାବି ପୂରଣ କରୁନାହାନ୍ତି। ଘୁମୁସର ବରିଷ୍ଠ ନାଗରିକ ମଞ୍ଚ ଘୁମୁସର ଜିଲା ଦାବି ଆନ୍ଦୋଳନକୁ ଜୋରଦାର କରିବ ବୋଲି ରବିବାର ଗୁରୁଦିବସ ଅବସରରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନେଇଛି। ଏ ନେଇ ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ ହଜାର ପୋଷ୍ଟକାର୍ଡ଼ ପଠାଇବାକୁ ମଧ ନିଷ୍ପତ୍ତି ନିଆଯାଇଛି । ଘୁମୁସର ଜିଲା ଆନ୍ଦୋଳନ ଉପରେ ଏକ ଇତିହାସ ଲେଖାଯିବ। ବିଭିନ୍ନ ସ୍ଥାନରେ ପ୍ରଚାରପତ୍ର ଲାଗିବ । ଆନ୍ଦୋଳନରେ ସୋରଡ଼ା, ବାଲିପଦର, ବୁଗୁଡ଼ା, ଜଗନ୍ନାଥପ୍ରସାଦ ଅଞ୍ଚଳର ବରିଷ୍ଠ ନାଗରିକମାନଙ୍କୁ ସାମିଲ କରିବା ପାଇଁ ସେମାନଙ୍କ ସହ ଆଲୋଚନା କରିବାକୁ ସ୍ଥିର ହୋଇଛି। ସଭାପତି ସୋମନାଥ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅବସରପ୍ରାପ୍ତ କଲେଜ ଅଧକ୍ଷ ଡ.ଶିବରାମ ପଣ୍ଡା, ଡ.କମ୍ବୁପାଣି ସାମନ୍ତ,ବିପିନ ବେହେରା, ବାଳକୃଷ୍ଣ ବେହେରା, ଦେବରାଜ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଘୁମୁସର ଜିଲା ଆନ୍ଦୋଳନ କିଭଳି ସଫଳ ହେବ ସେ ସମ୍ପର୍କରେ କହିଥିଲେ। ସମ୍ପାଦକ ରବୀନ୍ଦ୍ର ନାଥ ଆଚାର୍ଯ୍ୟ ବିବରଣୀ ପାଠ କରିଥିଲେ । ବ୍ରଜ ଗୋପାଳ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

## ଭଣଜା ପରେ ମାମୁ ଗିରଫ

ନୟାଗଡ଼ ଅଫିସ/ଓଡ଼ଗାଁ, ୬।୯(ସ୍ୱ.ପ୍ର.)

**୧୫.୧୧ କୋଟି ଠକେଇ ଘଟଣା**

■ ଟ୍ରାନ୍‌ଜିଟ୍ ରିମାଣ୍ଡରେ ନେଲା ଛତିଶଗଡ଼ ପୋଲିସ

ଛତିଶଗଡ଼ର ଏକ ଆଲୁମିନିୟମ କମ୍ପାନୀରେ ୧୫.୧୧ କୋଟି ଠକେଇ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗିରଫ ହୋଇଥିବାବେଳେ ଏବେ ସମ୍ପୃକ୍ତ ଯୁବକଙ୍କ ମାମୁ ଗିରଫ ହୋଇଛନ୍ତି । ଛତିଶଗଡ଼ ପୋଲିସ ଓଡ଼ଗାଁ ଥାନା ପୋଲିସ ସହାୟତାରେ ଗଞ୍ଜାମ ଜିଲା ଜଗନ୍ନାଥ ପ୍ରସାଦ ଥାନା ଅଧୀନ କୁମ୍ଭାପଡ଼ା ଗାଁରେ ରବିବାର ବିଳମ୍ବିତ ରାତିରେ ଚଢାଉ କରି ପ୍ରଶାନ୍ତ କୁମାର ସାହାଣୀ(୪୧)ଙ୍କୁ ଗିରଫ କରିଛି । ସୋମବାର ପ୍ରଶାନ୍ତଙ୍କୁ ଓଡ଼ଗାଁ କୋର୍ଟରେ ହାଜର କରାଯାଇଥିଲା । କୋର୍ଟଙ୍କ ଅନୁମତି କ୍ରମେ ତାଙ୍କୁ ଟ୍ରାନ୍‌ଜିଟ୍ ରିମାଣ୍ଡରେ ଛତିଶଗଡ଼ ପୋଲିସ ସୋମବାର ନେଇଛି ।

ସୂଚନା ଅନୁଯାୟୀ, ମୁଖ୍ୟ ଅଭିଯୁକ୍ତ ଓଡ଼ଗାଁ ଥାନା ପାଣ୍ଡେରିପଡ଼ା ପଞ୍ଚାୟତ ଭାଲିଆଡିହି ଗ୍ରାମର ରୁଦ୍ରମାଧବ ମହାନ୍ତି ଛତିଶଗଡ଼ର ଏକ ଆଲୁମିନିୟମ କମ୍ପାନୀରେ ୨୦୧୬ରୁ ଚାର୍ଟଡ଼୍ ଆକାଉଣ୍ଟାଣ୍ଟ (ସିଏ) ଭାବେ ଚାକିରି କରିଥିଲେ । କମ୍ପାନୀରେ ବ୍ୟାପକ ହେରଫେର କରିବା ପରେ କରୋନା ଆକ୍ରାନ୍ତ ଦର୍ଶାଇ ଗତ ଜୁନ୍‌ରେ ରୁଦ୍ର ମାଧବ ଗାଁକୁ ଚାଲି ଆସିଥିଲେ । ଅନ୍ୟ ଜଣେ ସିଏ ନିଯୁକ୍ତି ପରେ ୧୫ କୋଟି ୧୧ ଲକ୍ଷ ଟଙ୍କା ଠକେଇ ହୋଇଥିବା ଜଣାପଡିଥିଲା। ଏନେଇ ଥାନାରେ ଅଭିଯୋଗ ପରେ ଛତିଶଗଡ଼ ପୋଲିସ ନୟାଗଡ଼କୁ ଜୁନ ମାସରେ ଆସି ରୁଦ୍ରମାଧବଙ୍କୁ ଗିରଫ କରିଥିଲା । ପରେ କୋର୍ଟଙ୍କ ନିର୍ଦ୍ଦେଶରେ ପୋଲିସ ତାଙ୍କୁ ରିମାଣ୍ଡରେ ନେଇଥିଲା। ଏହି ଘଟଣାରେ ପୋଲିସ ରୁଦ୍ର ମାଧବଙ୍କ ବାପାଙ୍କ ନାଁରେ ଥିବା ଦାମି କାରକୁ ଜବତ କରିଥିଲା । ଅନ୍ୟପକ୍ଷେ ଛତିଶଗଡ଼ ପୋଲିସ ତଦନ୍ତ କଲା ପରେ ଜାଣି ପାରିଥିଲା ରୁଦ୍ରଙ୍କ ଜମାଖାତାରୁ ତାଙ୍କ ମାମୁ ପ୍ରଶାନ୍ତଙ୍କ ଜମାଖାତାକୁ ୩୬ ଲକ୍ଷ ଟଙ୍କା ସ୍ଥାନାନ୍ତର ହୋଇଛି । ଏହା ପରେ ପ୍ରଶାନ୍ତଙ୍କ ମାମୁଙ୍କୁ ଗିରଫ କରାଯାଇଛି ବୋଲି ପୋଲିସ କହିଛି ।

## ଜଙ୍ଗଲରୁ ମହିଳାଙ୍କ ଗଳିତ ମୃତଦେହ ଜବତ: ସ୍ୱାମୀ ଫେରାର

ଦିଗପହଣ୍ଡି,୬।୯(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ମେଘଝୋଲି ଗ୍ରାମର ଝିଲି ଗୌଡ଼ଙ୍କ ଗଳିତ ମୃତଦେହ ସୋମବାର କେ. ନୂଆଗାଁ ପୋଲିସ ଗାଁ ନିକଟ ଦୁର୍ଗମ ଜଙ୍ଗଲରୁ ଜବତ କରିଛି। ବିବାହ ସମୟରେ ଝିଲିଙ୍କ ସମସ୍ତ ଯୌତୁକ ସାମଗ୍ରୀ ଦିଆଯାଇଥିଲା। କିନ୍ତୁ ଅଧିକ ଯୌତୁକ ଦାବି କରି ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ତାଙ୍କୁ ନିର୍ଯ୍ୟାତନା ଦେଇ ଆସୁଥିଲେ। ଝିଲି ଏ ନେଇ ଗତ ୨୮ରେ କେ. ନୂଆଗାଁ ଥାନାରେ ଏତଲା ଦେଇଥିଲେ ବୋଲି ଚିକିଟି ଏସ୍‌ଡିପିଓ କୃଷ୍ଣ ଚନ୍ଦ୍ର ଭତ୍ରା କହିଛନ୍ତି। ଏତଲାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରିଥିଲା। ସୋମବାର ଜଙ୍ଗଲରେ ଝିଲିଙ୍କ ମୃତଦେହ ପଡିଥିବା ସୂଚନା ମିଳିବା ପରେ କେ. ନୂଆଗାଁ ଆଇଆଇସି ମୃତ୍ୟୁଞ୍ଜୟ ସ୍ୱାଇଁ ସଦଳବଳ ସାଇଣ୍ଟିଫିକ ଟିମ ସହ ପହଞ୍ଚି ଦିଗପହଣ୍ଡି ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛନ୍ତି। ଏ ନେଇ ନଂ.୧୭୦/୨୧ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଗିରଫ ଭୟରେ ଝିଲିଙ୍କ ସ୍ୱାମୀ ଫେରାର ଥିବା ତଦନ୍ତକାରୀ ଅଧିକାରୀ ତଥା ଆଇଆଇସି କହିଛନ୍ତି।

## ବିପଦସଙ୍କୁଳ ଲେପ୍ରୋସି କଲୋନୀ ଗୃହ

**ଅସୁରକ୍ଷିତ ୪୮ରୁ ଊର୍ଦ୍ଧ୍ୱ ପରିବାର**


ବିପଦସଙ୍କୁଳ ଘର।

ଛତ୍ରପୁର, ୬।୯(ଡି.ଏନ.ଏ.)

ଛତ୍ରପୁର ବୀରେଶ୍ୱର ମନ୍ଦିର ନିକଟ ଦାମିଏନ ନଗର ଲେପ୍ରୋସି କଲୋନୀର ଗୃହଗୁଡିକ ବିପଦସଙ୍କୁଳ ଅବସ୍ଥାରେ ରହିଛି। କେଉଁ ମୁହୂର୍ତ୍ତରେ ତାହା ଭୁଶୁଡ଼ି ପଡିବ ତାହା କହିହେବନି। ସେଠାରେ ଅସୁରକ୍ଷିତ ଭାବେ ବସବାସ କରୁଥିବା ୪୮ରୁ ଊର୍ଦ୍ଧ୍ୱ ଲେପ୍ରୋସି ପରିବାର ପ୍ରଶାସନର ସହାୟତାକୁ ଚାହିଁ ରହିଛନ୍ତି। ଦାମିଏନ ନଗରରେ ୧୯୯୨ ମସିହାରେ ସରକାରଙ୍କ ପକ୍ଷରୁ ୪୮ଟି ଘର ଯୋଗାଇ ଦିଆଯାଇଥିଲା। ଲେପ୍ରୋସି କଲୋନୀ ବାସିନ୍ଦାଙ୍କୁ ସରକାରଙ୍କ ପକ୍ଷରୁ ସବୁ ଯୋଗାଇ ଦିଆଯାଉଛି। ହେଲେ ୨୯ ବର୍ଷ ତଳର ଘର ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗିରୁଜି ଗଲାଣି। ପ୍ରତ୍ୟେକଙ୍କ ଘରର ଛାତରୁ ପଲସ୍ତରା ଖସି ରଡ୍ ଦେଖାଗଲାଣି। ବିଭିନ୍ନ ସମୟରେ ପଲସ୍ତରା ଖସି କେତେଜଣ ଆହତ ମଧ ହୋଇଥିବା କହିଛନ୍ତି। ଘରଗୁଡ଼ିକର ଛାତରୁ ପାଣି ଗଳୁଛି। ଏ ସମ୍ପର୍କରେ ବାରମ୍ବାର ବ୍ଲକ୍‌ଠାରୁ ଆରମ୍ଭ କରି ଜିଲା ପ୍ରଶାସନ ନିକଟରେ ଗୁହାରି କରାଯାଉଥିଲେ ବି କେବଳ ପ୍ରତିଶ୍ରୁତି ମିଳୁଛି। ହେଲେ ସମସ୍ୟା ସୁଧୁରୁ ନ ଥିବା ଲେପ୍ରୋସି କଲୋନୀବାସୀ ଅଭିଯୋଗ କରିଛନ୍ତି। ସାହିର ଦୁର୍ଯ୍ୟୋଧନ ସେଠୀ କହିଛନ୍ତି, ଉକ୍ତ ଘରେ ରହିବାକୁ ଡର ଲାଗୁଥିଲେ ମଧ ରହିବାକୁ ପଡୁଛି। ବର୍ଷା ହେଲେ ପାଣି ଗଳୁଛି, ଛାତରୁ ଦୈନିକ ଖଣ୍ଡ ଖଣ୍ଡ ହୋଇ ପଲସ୍ତରା ଖସୁଛି। କେହି ବି ସରକାରୀ ବାବୁ ଘର ଭିତରକୁ ଦେଖିବା ପାଇଁ ଆସୁନାହାନ୍ତି। ବାହାରେ ବୁଲି ପଳାଉଛନ୍ତି। କୌଣସି ଦୁର୍ଘଟଣା ଘଟିଲେ ପ୍ରଶାସନର ନିଦ ଭାଙ୍ଗିବ ବୋଲି ଦୁର୍ଯ୍ୟୋଧନ କହିଛନ୍ତି। ଅନ୍ୟପକ୍ଷରେ ତୁରନ୍ତ ସେମାନଙ୍କୁ ରୁରାଲ ହାଉସିଂରେ ସାମିଲ କରାଯିବା ସହ ସ୍ୱାସ୍ଥ୍ୟାବସ୍ଥା ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି।

